ଅସୁର ଭାବ

# ପଶୁ ବଳି ଚାହାନ୍ତି କି ଜଗତ ଜନନୀ ?

ଜଗଦ୍ଧାତ୍ରୀ, ଜଗଦମ୍ବା ମା ଦୁର୍ଗା ଯୁଗେ ଯୁଗେ ଦୁର୍ଗତି ନାଶନ କରି ମାନବର ସହାୟ ହୋଇଛନ୍ତି । ସେହି ଆଦିମାତା କେତେବେଳେ କାଳୀ କରାଳବଦନା ହୋଇଛନ୍ତି ତ କେତେବେଳେ ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପରେ ଜଗତକୁ ରକ୍ଷା କରିଛନ୍ତି ।

କଳି ଯୁଗରେ ଦେବୀ ଦୁର୍ଗା ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ନାମରେ ପୂଜା ପାଉଛନ୍ତି । ଗଡ଼ ରକ୍ଷା କରି ସେ ହୋଇଛନ୍ତି ଗଡ଼ଚଣ୍ଡୀ, ଭକ୍ତଙ୍କୁ ତାରିବା ପାଇଁ ସେ ତାରିଣୀ, ମଙ୍ଗଳଦାୟିନୀ ବୋଲି ସେ ମଙ୍ଗଳା । ନାନା ରୂପରେ ପୂଜା ପାଇ ସେ କେବଳ ମମତାର ଧାରା ଝରାଇଛନ୍ତି, ନିର୍ବଳର ବଳ ହୋଇଛନ୍ତି । କେବେହେଲେ ନିଜ ପାଇଁ ପ୍ରାଣୀମାନଙ୍କର ବଳି ଚାହିଁ ନାହାନ୍ତି । ବେଦକାଳରୁ ପୂଜିତା ମା' କେବଳ ଭକ୍ତର ଭକ୍ତି ଓ ଉପଚାରରେ ସନ୍ତୁଷ୍ଟ । କିନ୍ତୁ କିଛି ଅନ୍ଧବିଶ୍ୱାସୀ ଓ କୁସଂସ୍କାର କବଳିତ ମଣିଷ ନିଜର ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ ମାନସିକ ନାମରେ ନିରୀହ ପଶୁଙ୍କୁ ନିର୍ଦ୍ଦୟ ଭାବେ ବଳି ପକାଉଛନ୍ତି ମା'ଙ୍କ ଆଗରେ । ଭୋଗ ଓ ପ୍ରସାଦ ନାମରେ ପାର୍ବଣକୁ ବିଦାଇ ଦେଉଛନ୍ତି ମାଂସରେ ମାଂସରେ ।

ତାହେଲେ ମା' ଦୁର୍ଗା କ'ଣ କେବଳ ମନୁଷ୍ୟ ସମାଜର ମା', ପଶୁପକ୍ଷୀଙ୍କର ନୁହେଁ ? ସେମାନଙ୍କର ରକ୍ତ ଶୋଷିବାକୁ କ'ଣ ମା ଧରାବତରଣ କରିଛନ୍ତି ? ତେବେ ପ୍ରଶ୍ନ ଗୁଡ଼ିକର ଉତ୍ତର ଶାସ୍ତ୍ରୀୟ ପ୍ରମାଣ ଦ୍ୱାରା ନିର୍ଣ୍ଣୟ କରିବାକୁ ହେବ । ପୂଜାରେ ସାଧାରଣତଃ ବଳି, ପୂଜା, ହୋମ, ଉପଚାର ଆଦି କରାଯାଇଥାଏ । ବଳି ଶବ୍ଦକୁ ଆମେ ପଶୁ ବଳି ବୋଲି ଧରିବା ଉଚିତ ହେବ କି ? ବଳି ଶବ୍ଦର ଅର୍ଥ ଆତ୍ମସମର୍ପଣ କରିବା ପରେ ମୁକ୍ତ କରିଦେବା ଉଚିତ । ପୁଣି ଯେଉଁ ପଶୁମାନେ ସରଳ ସ୍ୱଭାବର ସେହିମାନଙ୍କୁ ବଳି ଦିଆଯାଏ । ପୁନଶ୍ଚ ପୂଜାକର୍ମରେ ଭୂତପିଶାଚଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଉଥିବା ବିରି, ଉଷୁନା ଚାଉଳ, କଦଳୀ, ଘିଅବତୀକୁ ବଳି କୁହାଯାଏ । ଭକ୍ତ ତାର ଶାରୀରିକ-ମାନସିକ ଓ କାୟିକ ବିକାରକୁ ଦେବୀଙ୍କ ନାମରେ ସମର୍ପଣ କରିବାକୁ ଏକପ୍ରକାର ବଳି କୁହାଯାଏ । ଭୈରବ ଯାମଳ ତନ୍ତ୍ରରେ କୁହାଯାଇଛି- କାମ କ୍ରୋଧ, ଲୋଭ, ମୋହ ରୂପୀ ପଶୁମାନଙ୍କୁ ବୁଦ୍ଧି ରୂପକ ତୀକ୍ଷ୍ଣ ଖଡ୍ଗ ଦ୍ୱାରା ବିବେକବାନ୍ ବ୍ୟକ୍ତି ହତ୍ୟା କରିବା ଉଚିତ ।

ଅହଂ ବ୍ରହ୍ମ ସ୍ୱରୂପିଣୀ ମତଃ ପ୍ରକୃତି ପୁରୁଷାତ୍ମକଂ ଜଗତ୍ଶୂନ୍ୟ- ଅର୍ଥାତ୍ ବ୍ରହ୍ମ ସ୍ୱରୂପିଣୀ ମା ଦୁର୍ଗା କେବେ ଆତ୍ମା ସ୍ୱରୂପ ପ୍ରାଣୀମାନଙ୍କର ହତ୍ୟା ଚାହାନ୍ତିନି । ମନୁଷ୍ୟ ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ ସମସ୍ତ ଜୀବଙ୍କ ଦେହରେ ବ୍ରହ୍ମର ସତ୍ତା ରହିଛି । ମନୁଷ୍ୟ ଧର୍ମ, ଅର୍ଥ କାମ, ମୋକ୍ଷ ପାଇଁ ଦୁର୍ଗାଙ୍କୁ ଆରାଧନା କରୁଥିବା ବେଳେ ଅହିଂସା ପରମଧର୍ମକୁ ଭୁଲିଗଲେ ଧର୍ମ ଅର୍ଜନ ଅସମ୍ଭବ । ପୂଜାରେ ବଳି ଓ ପଶୁ ହତ୍ୟାର ଅର୍ଥ ହେଉଛି ନିଜ ହୃଦୟ ମଧ୍ୟରେ ଥିବା ପଶୁ ପ୍ରବୃତ୍ତିକୁ ହତ୍ୟା କରିବା । ତେଣୁ ମହାନିର୍ବାଣ ତନ୍ତ୍ରରେ ଯଥାର୍ଥରେ କୁହାଯାଇଛି- କାମକ୍ରୋଧୌ ଦ୍ୱୌପଶୁ ଇମାମେବମନସା ବଳିମର୍ପୟେତ୍ ।

ପୁଣି ଉପନିଷଦରେ କାମ କ୍ରୋଧ ଲୋଭାଦୟ ପଶବଃ ବୋଲି କୁହାଯାଇଥିବାରୁ ନିଜ ଭିତରେ ଥିବା ଦୁର୍ଗୁଣକୁ ନିର୍ମୂଳ କରିବା ପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି । ସମସ୍ତ ପାଶବିକ ପ୍ରବୃତ୍ତିକୁ ଜୟ କରିଥିବାରୁ ଭଗବାନ ଶିବ ପଶୁପତି ନାମ ଧାରଣ କରିଛନ୍ତି । ପଶୁବଳିର ବିରୋଧ କେବଳ ଶାସ୍ତ୍ରରେ କରାଯାଇ ନାହିଁ । ସ୍ୱୟଂ ଭଗବାନ ବୁଦ୍ଧ ରୂପରେ ଜନ୍ମଗ୍ରହଣ କରି ଯଜ୍ଞ ନାମରେ ବଳିକୁ ବିରୋଧ କରିଛନ୍ତି । ପୁଣି ମଧ୍ୟ ଜୈନ ଦାର୍ଶନିକମାନେ କହିଛନ୍ତି-

ଯୂପଂ ଛିତ୍ୱା ପଶୁନ୍ ହତ୍ୱା ରୁଧିର କର୍ଦ୍ଦମମ୍ । ଯଦିବା ଗମ୍ୟତେ ସ୍ୱର୍ଗମ୍ ନରକଂ କେନଗମ୍ୟତେ ।

ତେଣୁ ଦୁର୍ଗତିନାଶିନୀ ଦୁର୍ଗା ପଶୁବଳି ଦ୍ୱାରା ଭକ୍ତମାନଙ୍କ ଦୁର୍ଗତି ହେଉ ବୋଲି ଇଚ୍ଛା କରନ୍ତି ନାହିଁ । ପଶୁହତ୍ୟା ଦ୍ୱାରା ପୁତ୍ର, ବଂଶ ଓ ସମ୍ପତ୍ତି କାମନା କରୁଥିବା ବ୍ୟକ୍ତି ଅସୁର ସ୍ୱଭାବଯୁକ୍ତ ହୋଇ ନିଜକୁ ନଷ୍ଟ କରିଥାଏ ।

ସ୍ୱୟଂ ଦେବୀ ଭଗବାନ ଶିବଙ୍କୁ ମଧ୍ୟ ଜୀବହତ୍ୟାର ଦୁର୍ଗତି ବିଷୟରେ ବୁଝାଇ କହିଛନ୍ତି-

ସ୍ୱୟଂକାମାଶୟଭୂତ୍ୱା ଯୋଅଜ୍ଞାନେ ବିମୋହିତଃ ହନ୍ତ୍ୟାନାନ୍ ଜୀବାନ୍ କୃତ୍ୱା ମନ୍ନାମଦୋ ଶଙ୍କର ହେ ରାଜ୍ୟବଂଶ ସମ୍ପତ୍ତି ଜ୍ଞାତି ଦାରାଦି ସମ୍ପଦାମ୍ ଅଚିରାଦ୍ଧେ ଉଦେତ୍ୱାଶୋ ମୃତୋସ ନରକଂବ୍ରଜେତ୍

ପ୍ରାଣପାତାନ୍ ତୁ ଯୋ ଧର୍ମଃ ମୋହନଂ ମୃତ ମାନସଃ

ବାଞ୍ଛତି ସୁଧା ବୃଷ୍ଟି କୃଷ୍ଣା ହି ମୁଖୋକୋ ବରାତ୍ ।

ଅର୍ଥାତ୍ ହେ ଶଙ୍କର ! ଯେଉଁ ମୋହ ଗ୍ରସ୍ତ ଅଜ୍ଞାନୀ ପୁରୁଷ ମୋ ନାମରେ ଅନେକ ପ୍ରକାର ଜୀବଙ୍କୁ ହତ୍ୟା କରେ, ତାର ରାଜ୍ୟ ବଂଶ, ସମ୍ପତ୍ତି, ବନ୍ଧୁବାନ୍ଧବ, ସ୍ତ୍ରୀ ଆଦି ଐଶ୍ୱର୍ଯ୍ୟ ଅଳ୍ପ ସମୟ ମଧ୍ୟରେ ନଷ୍ଟ ହୋଇଯାଏ । ସେହି ବ୍ୟକ୍ତି ନିଜେ ମୃତ୍ୟୁବରଣ କରି ନରକ ପ୍ରାପ୍ତ ହୋଇଥାଏ ।

ତେଣୁ ସେ ପ୍ରକାର ନିଷ୍ଠୁର ବଳିପ୍ରଥାକୁ ଭୁଲି ଆମେମାନେ ଦେବୀଙ୍କ ବୈଦିକ ପୂଜା ବିଧାନରେ ତାନ୍ତ୍ରିକ, ସ୍ମାର୍ତ୍ତ ଓ ବୈଦିକ ବଳିକୁ ଆପଣେଇନେବା ଉଚିତ । ବିରି ବୈଦିକ ବଳି ହୋଇଥିବା ବେଳେ, ପାକ କରି ରଖିଥିବା ବିରି ସ୍ମାର୍ତ୍ତ ବଳି, ସିନ୍ଦୂର ସହିତ ବୁଟକୁ ପାକ କରିବା ହିଁ ତାନ୍ତ୍ରିକ ବଳି । ଜଗଜ୍ଜନନୀ ମା ଦୁର୍ଗା ସବୁ ପ୍ରାଣୀଙ୍କର ଜନନୀ ହୋଇଥିବାରୁ ସେ କେବେ ପଶୁ ବଳି ଚାହିଁବେନି । ଦେବୀ ଦୁର୍ଗାଙ୍କଠାରେ ପଶୁବଳି ନିଷେଧ ପୂର୍ବକ ଶରଣାଗତର ଭାବକୁ ଉଜ୍ଜୀବିତ କରିପାରିଲେ ତାହାହିଁ ହେବ ଯଥାର୍ଥ ପୂଜା ।

*(ସମ୍ବାଦ - ୦୧/୧୦/୦୫)*

❖ ❖ ❖